# "ସ୍ତ୍ରୀ ଅଲଗା ରହିବା ପାଇଁ ମୋତେ ବାରମ୍ବାର କହିଥିଲା" !

ମୋର ନାମ ନିରଞ୍ଜନ ସାହୁ (ଛଦ୍ମନାମ) । ଘର ବିନ୍‌ଝାରପୁର ଥାନା, ଜିଲ୍ଲା ଯାଜପୁର ଅଟେ । ବାପା ସରକାରୀ ଚାକିରୀ କରୁଥିଲେ । ବର୍ତ୍ତମାନ ସେ ଅବସରପ୍ରାପ୍ତ । ମା ମୋର ଗୃହିଣୀ । ପରିବାର ବୋଲେ ଆମେ ଦୁଇ ଭଉଣୀ ଓ ମୁଁ ଗୋଟିଏ ପୁଅ । ଗୋଟିଏ ପୁଅ ମୁଁ ହୋଇଥିବାରୁ ମୋତେ ବହୁ କଷ୍ଟରେ ପାଠ ପଢ଼ାଇଥିଲେ । ମୁଁ ଏବେ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ କମ୍ପାନୀରେ ସଫ୍ଟୱୟାର୍ ଇଞ୍ଜିନିୟର୍ ଭାବେ କାର୍ଯ୍ୟ କରୁଛି । ଦୁଇ ଭଉଣୀଙ୍କର ବିବାହ ପରେ ଏକ ମାଟ୍ରିମୋନିରୁ ଦେଖି କେନ୍ଦୁଝର ଜିଲ୍ଲାରେ ମୋର ବାହାଘର ଠିକ୍ ହୋଇଥିଲା । ହିନ୍ଦୁ ବୈଦିକ ରିତି ଅନୁସାରେ ତା-୧୨-୦୫-୨୦୧୩ରିଖ ଦିନ ମୋର ବାହାଘର ହୋଇଥିଲା । ବାହାଘର ମାତ୍ର ଆଠ ଦିନ ପରେ ରିତିରିବାଜ୍ ଅନୁଯାୟୀ ମୁଁ ଏବଂ ସ୍ତ୍ରୀ ଉଭୟେ କେନ୍ଦୁଝର ଶ୍ୱଶୁର ଘରକୁ ଯାଇଥିଲୁ । ସେଠାରେ ମୋର ଶାଶୁ ଶ୍ୱଶୁର ମୋର ସମ୍ପତ୍ତିର ତାଲିକା ଜାଣିବାକୁ ଚାହିଁଥିଲେ । ମାତ୍ର ଯାହା ଦେଖୁଛନ୍ତି ତାହା ମୋର କିଛି ନୁହେଁ, ବାପା ମା'ଙ୍କର ବୋଲି କହିଥିଲି । ଭୁବନେଶ୍ୱରରେ ଆମେ ରହୁ । ବାହାଘରର ମାତ୍ର କେଇଦିନ ପରେ "ସ୍ତ୍ରୀ ଅଲଗା ରହିବା ପାଇଁ ମୋତେ ବାରମ୍ବାର କହିଥିଲା" । ମୁଁ ତାଙ୍କ କଥାରେ ରାଜି ନହେବାରୁ ଲୁଚାଇ ଲୁଚାଇ ମୋ ସହିତ କଳି ଝଗଡ଼ା କରିଥିଲେ । ଏହା ମଧ୍ୟରେ ଆମର ଏକ କନ୍ୟା ସନ୍ତାନ ଜନ୍ମ ହେଲା । ଦିନକର ଘଟଣା ସ୍ତ୍ରୀ ମୋତେ ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିବା ସମୟରେ ହଠାତ୍ ବାପା ଦେଖିଦେଲେ । ବାପା ଏଥିରେ ବିରକ୍ତି ପ୍ରକାଶ କରିବାରୁ ସ୍ତ୍ରୀ ଧମକ ଦେଲା । ତୁମ ପରିବାରର ସମସ୍ତଙ୍କୁ ପାନେ ଚଖାଇବି । ବୁଢ଼ାବୁଢ଼ି ଅଜଥା କଥାରେ ଆମ ଦୁଇ ଜଣଙ୍କ କଥାରେ ହସ୍ତକ୍ଷେପ କର ନାହିଁ । ନତୁବା ପରିସ୍ଥିତି ଭୟାବହ ହେବ । ଏହାପରେ ବାପାବୋଉ ଗାଁକୁ ଚାଲିଯାଇଥିଲେ । ସ୍ତ୍ରୀ ହଠାତ୍ ଦିନେ କହିଲେ, ତୁମର ଅନ୍ୟ କୌଣସି ଝିଅ ସହିତ ସମ୍ପର୍କ ରହିଛି । ଏଭଳି କହି ଝିଅକୁ ଧରି ତାଙ୍କ ବାପ ଘରକୁ ଚାଲିଯାଇଛନ୍ତି । ଯେତେଚେଷ୍ଟା କଲେ ମଧ୍ୟ ସେ ସେଠାରୁ ଆସିବା ପାଇଁ ନାରାଜ । ଫୋନ୍ କଲେ ତାଙ୍କର ପରିବାରର ଲୋକମାନେ ଫୋନ୍ ଉଠାଇ କହୁଛନ୍ତି ଯେ, ଯାହା କଥା ହେବ ତୁମେ ଜେଲ୍‌ରୁ ଆସିଲା ପରେ । ମୋ ବାପା ଜଣେ ହୃଦ୍ ରୋଗୀ ଅଟନ୍ତି । ତିରିସ ଭାଗ ମାତ୍ର କର୍ଯ୍ୟ କରୁଛି । ଏଭଳି ପରିସ୍ଥିତିରେ ମୁଁ ସମ୍ପୂର୍ଣ୍ଣ ଡରିଡରି ବଞ୍ଚୁଛି । ଆଇନିଜୀବୀ, ଥାନା, ଯେଉଁଠିକି ଗଲେ ମଧ୍ୟ କେହି କିଛି ସାହାଯ୍ୟ କରିପାରିବେ ନାହିଁ ବୋଲି ସିଧା ସିଧା ମନା କରିଦେଉଛନ୍ତି........


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯


ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।